# ସାହିତ୍ୟ ଖେଳପଡ଼ିଆ ନୁହେଁ

**ଓଡ଼ିଆ ସାହିତ୍ୟର ଜଣେ ପରିଚିତ ଲେଖିକା ଯଶୋଧାରା ମିଶ୍ର। ୧୯୫୧ ମସିହାରେ ସମ୍ବଲପୁରରେ ଜନ୍ମିତ ଏହି ସାହିତ୍ୟ ସାଧିକା ପେସାରେ ଥିଲେ ଇଂରାଜୀ ପ୍ରାଧ୍ୟାପିକା। ଓଡ଼ିଆ, ଇଂରାଜୀ ଭାଷାରେ ଅନେକ ଗଳ୍ପ ଓ କବିତା ରଚନା କରି ନିଜସ୍ୱ ପ୍ରତିଭା ପ୍ରତିପାଦିତ କରିଥିବା ଏହି ସାହିତ୍ୟିକାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ଗଳ୍ପସଂକଳନ 'ସମୁଦ୍ରକୂଳ ଘର' ପାଇଁ ୨୦୨୦ବର୍ଷର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବା ଲାଗି ସେ ମନୋନୀତ ହୋଇଛନ୍ତି। ଯଶୋଧାରାଙ୍କ ସାହିତ୍ୟିକ ଜୀବନ, କୃତିକୁ ନେଇ ତାଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**



ଯଶୋଧାରା ମିଶ୍ର

**ଧରିତ୍ରୀ ଆଳାପ**

**ପ୍ରଶ୍ନ– କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଜାଣିବା ପରେ କେମିତି ଲାଗିଥିଲା?**

ଉତ୍ତର: ପୁରସ୍କାର ପାଇବି ବୋଲି ଜାଣିବା ପରେ ବହୁତ ଖୁସି ଲାଗିଥିଲା। ଲେଖକ, କଳାକାରଙ୍କୁ ସାମାଜିକ ସ୍ୱୀକୃତି ଆନନ୍ଦ ଦିଏ। କିନ୍ତୁ ପାଠକୀୟ ସ୍ୱୀକୃତି ଆମ ପାଇଁ ସବୁଠାରୁ ବଡ ଆନନ୍ଦ। ମୋତେ ଯଥେଷ୍ଟ ପାଠକୀୟ ସ୍ୱିକୃତି ମିଳିଥିବାରୁ ମୁଁ ଆନନ୍ଦିତ ଏବଂ ସମସ୍ତଙ୍କ ପାଖରେ କୃତଜ୍ଞ।

**ପ୍ରଶ୍ନ– କେବେଠାରୁ ଲେଖାଲେଖି ଆରମ୍ଭ କରିଥିଲେ?**

ଉତ୍ତର: ସତୁରୀ ଦଶକରୁ ମୁଁ ଲେଖି ଆସୁଛି। ଏମ୍‌ଏ ପଢିବା ବେଳକୁ ମୋ ଲେଖା ଝଙ୍କାର ପତ୍ରିକାରେ ପ୍ରକାଶ ପାଇସାରିଥିଲା।

**ପ୍ରଶ୍ନ– ଗଳ୍ପ ସଂକଳନ 'ସମୁଦ୍ରକୂଳ ଘର'ରେ କ'ଣ ବିଶେଷତ୍ୱ ରହିଛି?**

ଉତ୍ତର: ଏଥିରେ ୭ଟି ଗଳ୍ପ ସନ୍ନିବେଶିତ ହୋଇଛି। ଏଗୁଡିକ ବିଭିନ୍ନ କାଳ୍ପନିକ କାହାଣୀକୁ ନେଇ ଚିତ୍ରଣ କରାଯାଇଛି। ଯେଉଁଥିରେ ଏକାଧିକ ଚରିତ୍ର ଅଛନ୍ତି। ତାଙ୍କ ଭିତରେ ଭାବ ବିନିମୟ ହେଉଛି। ଦୈନନ୍ଦିନ ଜୀବନରେ ସେମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ସେମାନଙ୍କ ପରିବେଶ, ମାନସିକ ଅବସ୍ଥାର ଚିତ୍ରଣ, ଜୀବନରେ ପରିବର୍ତ୍ତନ ଆଦି ବର୍ଣ୍ଣନା ହୋଇଛି। ସବୁ କାହାଣୀ ପରି ଏଥିରେ ବି ଆରମ୍ଭ, ମଧ୍ୟଭାଗ ଓ ଶେଷ ରହିଛି। ତେବେ ଏଥିମଧ୍ୟରୁ ୫ରୁ ୬ଟି ଗଳ୍ପ ହିନ୍ଦୀ ଏବଂ ଅନ୍ୟ ଭାଷାରେ ଅନୁବାଦିତ ହୋଇ ଆଦୃତି ଲାଭ କରିଛି। ଗଳ୍ପଗୁଡିକ ବହୁ ପତ୍ରପତ୍ରିକାରେ ବାହାରିଥିଲା। ତେଣୁ ପୁରସ୍କାର ପୂର୍ବରୁ ପାଠକମାନେ ମତେ ସ୍ୱୀକୃତି ପ୍ରଦାନ କରି ସାରିଛନ୍ତି।

**ପ୍ରଶ୍ନ– ଜଣେ ଲେଖକ ପାଇଁ ପୁରସ୍କାର କେତେ ମହତ୍ୱ ରଖିଥାଏ?**

ଉତ୍ତର: ପୁରସ୍କାର କ୍ଷଣିକ, ଲେଖା ଚିରସ୍ଥାୟୀ। କେବଳ ପୁରସ୍କାର ଜଣେ ଲେଖକକୁ ଉତ୍ତୀର୍ଣ୍ଣ ସାହିତ୍ୟିକ ଭାବେ ପରିଣତ କରିପାରିବ ନାହିଁ। ସାହିତ୍ୟ ଏକ ଖେଳପଡିଆ ନୁହେଁ। ତେଣୁ ପ୍ରତିଯୋଗିତା ବା ପୁରସ୍କାରକୁ ମନରେ ରଖି ଲେଖିଲେ ସେଥିରେ ସଫଳ ହୋଇ ପାରିବା ନାହିଁ। ଲେଖା ମାଧ୍ୟମରେ ସାହିତ୍ୟିକ ଜୀବିତ ରହିବ ବା ଚିରଞ୍ଜିବୀ ହୋଇପାରିବ। ଲେଖାରେ ଯଦି ସେ ନିଜ ଭାଷାର ମଞ୍ଜକୁ ଧରିଛି ତେବେ କେଇପାଦ ଆଗେଇ ପାରିବ। ତେବେ ଜଣେ ସଫଳ ଲେଖକ ହୋଇ ପାରିଛି କି ନାହିଁ ତାହା ପାଠକମାନେ ନିର୍ଣ୍ଣୟ କରିବେ।

**ପ୍ରଶ୍ନ– ଆପଣଙ୍କ ଲେଖା ମାଧ୍ୟମରେ ଓଡ଼ିଆ ଗଳ୍ପର ଧାରାରେ କ'ଣ ପରିବର୍ତ୍ତନ ଆଣିଛନ୍ତି?**

ଉତ୍ତର: ସାହିତ୍ୟରେ ମୁଁ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିନାହିଁ। ଯଦି କିଛି ପରିବର୍ତ୍ତନ ଆସିଛି ତେବେ ଜାଣିଶୁଣି କିଛି ପରିବର୍ତ୍ତନ ଆଣିଛି ବୋଲି ଭାବୁନାହିଁ। କିନ୍ତୁ ଏକଥା ସତ ଯେ ପ୍ରତ୍ୟେକ ମହତ୍ୱପୂର୍ଣ୍ଣ ଲେଖକ ନିଜ ଭାଷାର ପରମ୍ପରାକୁ ଭଲଭାବେ ବୁଝେ ଏବଂ ତାକୁ ଆଗେଇ ନିଏ। କାରଣ ପରମ୍ପରା ଏକ ସ୍ଥାୟୀ ଜିନିଷ ନୁହେଁ, ଏହା ଏକ ସ୍ରୋତସ୍ୱିନୀ ନଦୀ ପରି। ସେଥିରେ ସେ ନିଜର କିଛି ଯୋଗଦାନ ଦେଇ ତା'ର ଗତିକୁ ଏକ ନୂଆ ମୋଡ ଦେବ। ଜଣେ ଶକ୍ତିଶାଳୀ ଲେଖକର ଏହା ହିଁ ପରିଚୟ। ଏହାଦ୍ୱାରା ତାକୁ ଉତ୍ତରପିଢିର ପାଠକମାନେ ମନେ ରଖିବେ।

**ପ୍ରଶ୍ନ– ନିଜ ଲେଖାରେ କେଉଁ ଦିଗକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି?**

ଉତ୍ତର: ସେଭଳି କିଛି ନାହିଁ। ମୁଁ ଅନେକ ଗୁଡିଏ ପ୍ରେମ ଗଳ୍ପ ଲେଖିଛି। କେତେକ ସାମାଜିକ ସମସ୍ୟା, ଏକକ ମଣିଷର ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ମଧ୍ୟ ଲେଖିଛି। ଯେତେବେଳେ ଯାହା ମନକୁ ଆସିଛି ତାକୁ ଗଳ୍ପର ରୂପ ଦେଇଛି।

**ପ୍ରଶ୍ନ– ସମସାମୟିକ ଓଡ଼ିଆ ମହିଳା ଲେଖିକାଙ୍କ ଭିତରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ପାଇଁ କ'ଣ କରନ୍ତି?**

ଉତ୍ତର: ନିଜର ସ୍ଥାନ ବିଷୟରେ ମୁଁ ବେଶି ଚିନ୍ତିତ ନୁହେଁ। ପ୍ରତିଯୋଗିତାରେ ବିଶ୍ୱାସ କରେନି। ଏକାଗ୍ର ଭାବରେ ନିଜ ମନର ଭାବନାକୁ, ଚିନ୍ତନ ମନନକୁ ପରିସ୍ଫୁଟନ ବହୁତ ସନ୍ତୋଷ ଜନକ। ଏହାପରେ ଯଦି ମନ ଜାଣିବା ଭଳି ପାଠକ ମିଳିଗଲେ ତେବେ ସେଥିରେ ଜଣେ ପ୍ରକୃତ ଲେଖକ ବହୁତ ଖୁସି ହୋଇଯାଏ। ଭିନ୍ନ ଭିନ୍ନ ପ୍ରକାରର, ପର୍ଯ୍ୟାୟର ଲେଖକ ଥାନ୍ତି। ଏଥିରେ ଉଚ୍ଚ ନୀଚ କିଛି ନ ଥାଏ। ମୁଁ ବହୁତ ବେଶୀ ଲୋକପ୍ରିୟତା ପଛରେ ଯାଏନାହିଁ। ମତେ ଯେତିକି ପାଠକ ମିଳିଛନ୍ତି ସେଥିରେ ଖୁସି।

**ପ୍ରଶ୍ନ– ସର୍ବଭାରତୀୟ ସ୍ତରରେ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ଥିତି କିପରି ଅଛି ବୋଲି ଭାବୁଛନ୍ତି?**

ଉତ୍ତର: ସାହିତ୍ୟ ଏକାଡେମୀରେ ମୁଁ ଦୁଇଥର କାମ କରିଛି। ଇଣ୍ଡିଆନ ଲିଟରେଚରରେ ସମ୍ପାଦିକା ଭାବେ ଅଢେଇ ବର୍ଷ କାମ କରିଛି। ସର୍ବଭାରତୀୟ ସାହିତ୍ୟ ସହିତ ଘନିଷ୍ଠ ପରିଚିତ ହେବା ପାଇଁ ଏହା ମତେ ସେତେବେଳେ ବଡ ସୁଯୋଗ ଦେଇଥିଲା। ଆମର ଦୁର୍ଭାଗ୍ୟ ଯେ, ଯୁବପିଢି ସବୁ ରକମର ଭାଷା ପଢୁନାହାନ୍ତି। ଫଳରେ ଭାରତ ଭିତରେ ଥିବା ଅନ୍ୟ ଭାଷା ଗୁଡିକ ପ୍ରତି ଆମେ ଊଣା ଅଧିକେ ଉଦାସୀନ। ସର୍ବଭାରତୀୟ ସ୍ତରରେ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ଥିତି ଭଲ ଅଛି। ଉଚ୍ଚମାନର ଲେଖା ହେଉଛି। ତେବେ ୫୦ ବର୍ଷ ତଳେ ଯାହା ସ୍ଥିତି ଥିଲା ଏବେ ସେଥିରେ ପରିବର୍ତ୍ତନ ହୋଇଛି। ଓଡ଼ିଆ ସାହିତ୍ୟ ଖୁବ୍ ସମ୍ମାନିତ।

**ପ୍ରଶ୍ନ– କ୍ଷୁଦ୍ରଗଳ୍ପରେ ଆଉ କ'ଣ ଅଭାବ ରହିଛି?**

ଉତ୍ତର: ଗୋଟିଏ କଥା କହିବି, ଯୁବ ପିଢିମାନେ ଏବେ ଇଂରାଜୀ ପଢିଲେ ଓଡ଼ିଆ ପଢୁ ନାହାନ୍ତି ବା ଓଡ଼ିଆ ପଢିଲେ ଆଉ କୌଣସି ଭାଷା ପଢୁନାହାନ୍ତି। ଏହା ଫଳରେ ଆମେ ବିଶ୍ୱ ସାହିତ୍ୟ ସହିତ ପରିଚିତ ହୋଇ ପାରୁନେ। କେବଳ କୂଅ ବେଙ୍ଗ ଭଳି ପଡି ରହି ନିଜ ଆଖପାଖରେ ରହୁଛେ। ଆମର ଦୃଷ୍ଟିଭଙ୍ଗୀ ସୀମିତ ହୋଇ ଯାଉଛି। ଯେତେ ପଢିବେ ସେତେ ବିଶ୍ୱ ସାହିତ୍ୟ ପ୍ରତି ପରିଚିତ ହୋଇ ପାରିବେ।

**ପ୍ରଶ୍ନ– ଆପଣଙ୍କ ବାପା ଭୁବନେଶ୍ୱର ବେହେରା ଜଣେ ପ୍ରଖ୍ୟାତ ଲେଖକ ଥିଲେ। ତାଙ୍କର ପ୍ରଭାବ ଆପଣଙ୍କ ଉପରେ କିପରି ପଡିଥିଲା?**

ଉତ୍ତର: ବାପା ପରିଣତ ବୟସରେ ଲେଖା ଆରମ୍ଭ କରିଥିଲେ। ତାଙ୍କର ଓ ଏବେକାର ଲେଖା ଭିତରେ ବହୁତ ଫରକ। ବାପା ଶିକ୍ଷାବିତ୍ ଥିବାରୁ ତାଙ୍କ ଲେଖାରେ ଏକ ବିଶେଷତ୍ୱ ରହିଥିଲା। ତାଙ୍କ ଯତ୍ନରେ ମୁଁ ବଢିଥିବାରୁ ମୋ ଉପରେ ପ୍ରଭାବ ପଡିଛି। କିନ୍ତୁ ସେ ଗୋଟେ ପ୍ରକାର ଲେଖୁଥିଲେ ଆଉ ମୁଁ ଅନ୍ୟ ପ୍ରକାର ଲେଖୁଥିଲି। ଏହା କେବଳ ପାଠକମାନେ କହିପାରିବେ।

# ഓംചേരിക്ക് കേന്ദ്ര സാഹിത്യ അക്കാദമി അവാർഡ്



# ଯଶୋଧାରା ମିଶ୍ର ପାଇବେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର



■ ଭୁବନେଶ୍ୱର,୨୪।୮(ନି.ପ୍ର): ବିଶିଷ୍ଟ କଥାଶିଳ୍ପୀ ଯଶୋଧାରା ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର-୨୦୨୦ ପ୍ରଦାନ କରାଯିବ। ତାଙ୍କ ରଚିତ ପୁସ୍ତକ 'ସମୁଦ୍ରକୂଳ ଘର' ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। କେନ୍ଦ୍ର ସାହିତ୍ୟ ଅକାଦେମି ସଭାପତି ଡ. ଚନ୍ଦ୍ରଶେଖର କମ୍ବାର ଏହି ▶ ଅବଶିଷ୍ଟାଂଶ ପୃଷ୍ଠା ୪

## ଯଶୋଧାରା ମିଶ୍ର...

ପୁରସ୍କାର ଅନୁମୋଦନ କରିଥିବାବେଳେ ଓଡ଼ିଆ ମନୋନୟନ କମିଟିର ସଦସ୍ୟ ଡ. ବୀଣାପାଣି ମହାନ୍ତି, ଡ. ପ୍ରତିଭା ଶତପଥୀ ଓ ରମାକାନ୍ତ ରଥ ଏହାକୁ ମନୋନୀତ କରିଛନ୍ତି। ପୁରସ୍କାର ବାବଦ ୧ ଲକ୍ଷ ଟଙ୍କା, ତାମ୍ରଫଳକ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ।




୨୦୧୬ରେ ଇଙ୍କ ଓଡ଼ିଶା ପକ୍ଷରୁ 'ସମୁଦ୍ର କୂଳ ଘର' ପ୍ରକାଶିତ ହୋଇଥିଲା। ଇଂରାଜୀ ପ୍ରଫେସର ଭାବେ କାର୍ଯ୍ୟ କରି ଅବସରଗ୍ରହଣ କରିଥିବା ଯଶୋଧାରା କ୍ଷୁଦ୍ର ଗଳ୍ପ, ଉପନ୍ୟାସ ପ୍ରଭୃତି ରଚନାରେ ରୁଚି ରଖନ୍ତି। ୧୯୫୧ରେ ସମ୍ବଲପୁରରେ ଜନ୍ମିତ ଓ ସମ୍ପ୍ରତି ନୂଆଦିଲ୍ଲୀରେ ଅବସ୍ଥାପିତ ଏହି ସାରସ୍ୱତ ସାଧିକା ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ, କଥା, ଓଡ଼ିଶା ପୁସ୍ତକ ମେଳା, ଗଙ୍ଗାଧର ରଥ ଫାଉଣ୍ଡେସନ ପ୍ରଭୃତି ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି।

ପ୍ରତିକ୍ରିୟାରେ ଯଶୋଧାରା କହିଛନ୍ତି, ଜଣେ ସ୍ରଷ୍ଟା ସ୍ୱୀକୃତି ପାଇଲେ ଯେପରି ଖୁସି ଅନୁଭବ କରେ ମୁଁ ତାହା ଅନୁଭବ କରୁଛି। ଏହା ଏକ ଆନୁଷ୍ଠାନିକ ସ୍ୱୀକୃତି। ଏହା ପୂର୍ବରୁ ପାଠକୀୟ ସ୍ୱୀକୃତି ମିଳିସାରିଛି। ମୋ ଲେଖାକୁ ଭଲ ପାଉଥିବା ଓ ମତେ ପ୍ରୋତ୍ସାହିତ କରୁଥିବା ପ୍ରତିଟି ମଣିଷଙ୍କୁ ଏହାର ଶ୍ରେୟ ଦେବି। 'ସମୁଦ୍ରକୂଳ ଘର' ସମ୍ପର୍କରେ ସେ କହିଛନ୍ତି, ଏହା ଏକ କାଳ୍ପନିକ କାହାଣୀ। ତାକୁ ଭିନ୍ନ ଢଙ୍ଗରେ ଉପସ୍ଥାପିତ କରିବାକୁ ପ୍ରୟାସ କରିଛି। ଏହି ପୁରସ୍କାର ଘୋଷଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରିକହିଛନ୍ତି, ସାହିତ୍ୟ କ୍ଷେତ୍ରରେ ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ତାଙ୍କ ସୃଜନ

Mathrubhumi
മാതൃഭൂമി



## ഓംചേരിക്ക് കേന്ദ്ര സാഹിത്യ അക്കാദമി പുരസ്കാരം

▸ മലയാളം കൃതിക്കുള്ള കേന്ദ്ര സാഹിത്യ അക്കാദമി പുരസ്കാരം പ്രൊഫ. ഓംചേരി എൻ.എൻ. പിള്ള രചിച്ച 'ആകസ്മിക'ത്തിനു ലഭിച്ചു.

വിശദവാർത്ത 10

# ഓംചേരിക്ക് പുരസ്കാരം 'ആകസ്മിക'ത്തിന്

ന്യൂഡൽഹി ▸ മലയാളം കൃതിക്കുള്ള കേന്ദ്ര സാഹിത്യ അക്കാദമി പുരസ്കാരം പ്രൊഫ. ഓംചേരി എൻ.എൻ. പിള്ള രചിച്ച 'ആകസ്മിക'ത്തിനു ലഭിച്ചു. ഡൽഹി കേന്ദ്രീകരിച്ചു പ്രവർത്തിക്കുന്ന ഓംചേരിയുടെ ഓർമക്കുറിപ്പുകൾ അടങ്ങുന്നതാണ് ഈ പുസ്തകം. ഡോ. കെ.പി. ശങ്കരൻ, സേതുമാധവൻ, ഡോ. അനിൽ വള്ളത്തോൾ എന്നിവരടങ്ങുന്ന ജൂറിയാണ് പുരസ്കാരനിർണയം നടത്തിയതെന്ന് അക്കാദമി സെക്രട്ടറി കെ. ശ്രീനിവാസറാവു അറിയിച്ചു.

പ്രശസ്തിപത്രവും ശില്പവും ഒരു ലക്ഷം രൂപയുമടങ്ങുന്ന പുരസ്കാരം പിന്നീട് സംഘടിപ്പിക്കുന്ന ചടങ്ങിൽ സമ്മാനിക്കും. മലയാളത്തിനൊപ്പം ഒഡിയ സാഹിത്യകാരി യശോധര മിശ്രയുടെ 'സമുദ്ര കുലഘര' എന്ന കൃതിക്കും പുരസ്കാരമുണ്ട്.

» ഓംചേരിയുടെ ഓർമക്കുറിപ്പുകൾ അടങ്ങുന്നതാണ് പുസ്തകം

നാടകരചയിതാവ്, കവി, എഴുത്തുകാരൻ എന്നീ നിലകളിൽ പ്രശസ്തനാണ് വൈക്കം സ്വദേശിയായ പ്രൊഫ. ഓംചേരി എൻ.എൻ. പിള്ള. സംഗീതജ്ഞ ഡോ. ലീല ഓംചേരിയാണ് ഭാര്യ. മാനേജ്മെന്റ് കൺസൾട്ടന്റ് ശ്രീദീപ് ഓംചേരി, നർത്തകി ദീപ്തി ഓംചേരി ഭല്ല എന്നിവർ മക്കൾ. ഇന്ത്യൻ ഭാഷകളിലെ ഏതൊരു സാഹിത്യകാരനും ആഗ്രഹിക്കുകയും അഭിമാനിക്കുകയും ചെയ്യുന്നതാണ് പുരസ്കാരമെന്ന് ഓംചേരി പ്രതികരിച്ചു.

Hindu, 25-8 21 p 10

# Akademi awards for Pillai, Mishra

SPECIAL CORRESPONDENT
NEW DELHI

The Sahitya Akademi on Tuesday named authors Yashodhara Mishra and Omcherry N.N. Pillai as the winners of the 2020 awards for their works in Odia and Malayalam, respectively.

Ms. Mishra has been selected for her work *Samudrakula Ghara* and Mr. Pillai for his work *Akasmikam: Omcheriyute Ormmakkurippukal*, a statement said.

Both winners would receive a "casket containing an engraved copper plaque" and cheques of ₹1 lakh at a formal ceremony to be held at a later date, the statement added.

# Yashodhara Mishra to get Sahitya Akademi award

**EXPRESS NEWS SERVICE**
@ Bhubaneswar

AUTHOR, poet and academician Yashodhara Mishra will be awarded the Sahitya Akademi Award - 2020 for her book 'Samudrakula Ghara'.

The Akademi notified the awards for Odia and Malayalam languages on Tuesday.

Mishra's book was selected on the basis of recommendations made by three-member Odia language jury comprising writers Dr Binapani Mohanty, Dr Pratibha Satpathy and Ramakanta Rath.

The award in the form of a plaque and cash reward of ₹1 lakh will be presented to Mishra on a later date, the Akademi release stated.



Mishra, who has around 15 collections of short stories, novels, poems and translated works to her credit, is an Odisha Sahitya Akademi awardee. She is the first woman to be the editor of 'Indian Literature, the premier literary journal of India, published by Sahitya Akademi.

A PhD in American Literature, she has been a Professor of English under the government of Madhya Pradesh; a visiting Fellow at Mason de Science, Paris, a senior research Fellow of UGC and a Post-Doctoral Fellow at the Indian Institute of Advanced Studies, Shimla.

THE SAKALA
sakalaepaper.com

# ଯଶୋଧାରା ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୨୪।୮ (ସମିସ): ଓଡ଼ିଆ ସାହିତ୍ୟର କଥାଶିଳ୍ପୀ ତଥା ବିଶିଷ୍ଟ ସାହିତ୍ୟିକ ଯଶୋଧାରା ମିଶ୍ରଙ୍କୁ ୨୦୨୦ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯିବ।



ଯଶୋଧାରାଙ୍କ ପୁସ୍ତକ 'ସମୁଦ୍ରକୂଳ ଘର' ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ଯଶୋଧାରାଙ୍କୁ ପୁରସ୍କାର ସ୍ୱରୂପ ତାମ୍ର ଫଳକ ସହ ୧ଲକ୍ଷ ଟଙ୍କା ଦିଆଯିବ। ଯଶୋଧାରାଙ୍କ ପୁସ୍ତକ 'ସମୁଦ୍ରକୂଳ ଘର' ଜୁରୀ ମେମ୍ବରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ଏବଂ ସର୍ବାଧିକ ସମର୍ଥନ ପାଇଥିଲା। 'ସମୁଦ୍ରକୂଳ ଘର' ସଙ୍କଳନରେ ୭ଟି ଗଳ୍ପ ସ୍ଥାନିତ। ପ୍ରଖ୍ୟାତ ଲେଖକ ▶ପୃଷ୍ଠା-୧୦

## ଯଶୋଧାରା ମିଶ୍ରଙ୍କୁ...

ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଝିଅ ଯଶୋଧାରା। ତାଙ୍କର ଅନ୍ୟ ପ୍ରକାଶିତ ପୁସ୍ତକଗୁଡିକ ମଧ୍ୟରେ ରହିଛି 'ଜହ୍ନରାତି', 'ମୁହଁସଞ୍ଜ', 'ରେଖାଚିତ୍ର', 'ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ', 'ଦେଖଣାହାରି', 'ସବୁଠୁ ସୁଖୀ ଝିଅ' ଆଦି। ୧୯୯୦ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। ଏଥିପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡ. ଚନ୍ଦ୍ରଶେଖରକମ୍ବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏଥିପାଇଁ ଜୁରୀ ସଦସ୍ୟରେ ଡ. ବୀଣାପାଣି ମହାନ୍ତି, ଡ. ପ୍ରତିଭା ଶତପଥୀ ଓ ରମାକାନ୍ତ ରଥ ଥିଲେ। ଏଥିପାଇଁ ଯଶୋଧାରାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଏହି ସଫଳତା ପାଇଁ ରାଜ୍ୟ ଗର୍ବିତ ବୋଲି ଲେଖିଛନ୍ତି। ସାହିତ୍ୟ କ୍ଷେତ୍ରରେ ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ତାଙ୍କର ସୃଜନ ସୃଷ୍ଟିଗୁଡିକ ଓଡ଼ିଆ ସାହିତ୍ୟକୁ ଆହୁରି ସମୃଦ୍ଧ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# Yashodhara wins Akademi award for 2016 book

Noted Odia writer **Yashodhara Mishra** has been selected for the Sahitya Akademi award, 2020, for her book Samudrakula Ghara published in 2016.



The names of the awardees were announced on Tuesday. The award comprises an engraved copper plaque and a cheque of Rs 1 lakh. Mishra has more than 15 books to her credit.

# ഓംചേരിക്ക് കേന്ദ്ര സാഹിത്യ അക്കാദമി പുരസ്കാരം

ന്യൂഡൽഹി ► മലയാളം കൃതിക്കുള്ള കേന്ദ്ര സാഹിത്യ അക്കാദമി പുരസ്കാരം പ്രൊഫ. ഓംചേരി എൻ.എൻ. പിള്ള രചിച്ച 'ആകസ്മിക'ത്തിനു ലഭിച്ചു. ഡൽഹി കേന്ദ്രീകരിച്ചു പ്രവർത്തിക്കുന്ന ഓംചേരിയുടെ ഓർമക്കുറിപ്പുകൾ അടങ്ങുന്നതാണ് ഈ പുസ്തകം.



ഡോ. കെ.പി. ശങ്കരൻ, സേതുമാധവൻ, ഡോ. അനിൽ വള്ളത്തോൾ എന്നിവരടങ്ങുന്ന ജൂറിയാണ് പുരസ്കാരനിർണയം നടത്തിയതെന്ന് അക്കാദമി സെക്രട്ടറി കെ. ശ്രീനിവാസ റാവു അറിയിച്ചു. പ്രശസ്തിപത്രവും ശില്പവും ഒരു ലക്ഷം രൂപയുമടങ്ങുന്ന പുരസ്കാരം പിന്നീട് സംഘടിപ്പിക്കുന്ന ചടങ്ങിൽ സമ്മാനിക്കും. മലയാളത്തിനൊപ്പം ഒഡിയ സാഹിത്യകാരി യശോധര മിശ്രയുടെ 'സമുദ്ര കുലഘര' എന്ന കൃതിക്കും പുരസ്കാരമുണ്ട്.

നാടകരചയിതാവ്, കവി, എഴുത്തുകാരൻ എന്നീ നിലകളിൽ പ്രശസ്തനാണ് വൈക്കം സ്വദേശിയായ പ്രൊഫ. ഓംചേരി എൻ.എൻ. പിള്ള. സംഗീതജ്ഞ ഡോ. ലീലാ ഓംചേരിയാണ് ഭാര്യ. മാനേജ്മെൻറ് കൺസൾട്ടൻറ് ശ്രീദീപ് ഓംചേരി, നർത്തകി ദീപ്തി ഓംചേരി ഭല്ല എന്നിവർ മക്കൾ.

ഇന്ത്യൻ ഭാഷകളിലെ ഏതൊരു സാഹിത്യകാരനും ആഗ്രഹിക്കുകയും അഭിമാനിക്കുകയും ചെയ്യുന്നതാണ് കേന്ദ്ര സാഹിത്യ അക്കാദമി പുരസ്കാരമെന്ന് ഓംചേരി പ്രതികരിച്ചു.

# ക്രീമിലെയർ നിശ്ചയിക്കാൻ സാമ്പത്തികം മാത്രം മാനദണ്ഡം ആക്കരുത് -സുപ്രീംകോടതി

ന്യൂഡൽഹി ► ക്രീമിലെയർ നിശ്ചയിക്കാൻ സാമ്പത്തികം മാത്രം മാനദണ്ഡമാക്കരുതെന്ന് സുപ്രീംകോടതി. പിന്നാക്ക വിഭാഗങ്ങളിലെ ക്രീമിലെയറിനെ സംവരണത്തിൽനിന്ന് ഒഴിവാക്കാൻ മാനദണ്ഡങ്ങൾ നിശ്ചയിച്ച് ഹരിയാണ സർക്കാർ ഇറക്കിയ വിജ്ഞാപനം റദ്ദാക്കിക്കൊണ്ടാണ് സുപ്രീംകോടതിയുടെ നിരീക്ഷണം. മൂന്നുമാസത്തിനകം പുതിയ വിജ്ഞാപനമിറക്കാൻ ഹരിയാണയോട് സുപ്രീംകോടതി ആവശ്യപ്പെട്ടു.

ഹരിയാണ സർക്കാർ 2016-ൽ ഇറക്കിയ വിജ്ഞാപന പ്രകാരം മൂന്നുലക്ഷം രൂപയിൽ താഴെ വാർഷിക വരുമാനമുള്ള പിന്നാക്കക്കാരുടെ കുട്ടികൾക്ക് ജോലിയിലും വിദ്യാഭ്യാസത്തിലും സംവരണ ക്വാട്ടയിൽ മുൻഗണന ലഭിക്കും. ബാക്കിയുള്ള ക്വാട്ട പിന്നാക്ക വിഭാഗങ്ങളിലെ മൂന്നു ലക്ഷത്തിനും ആറ ലക്ഷത്തിനുമിടയിൽ വാർഷിക വരുമാനമുള്ളവർക്കാണ്. ആറ ലക്ഷത്തിന് മുകളിൽ വരുമാനമുള്ളവരെ സംവരണത്തിൽനിന്ന് ഒഴിവാക്കി.

എന്നാൽ, വിജ്ഞാപനം സംവരണവുമായി ബന്ധപ്പെട്ട സുപ്രീംകോടതിയുടെ പ്രശസ്തമായ ഇന്ദിരാ സാഹ്നി കേസിലെ വിധിയുടെ ലംഘനമാണെന്ന് ജസ്റ്റിസ് എൽ. നാഗേശ്വര റാവു അധ്യക്ഷനായ ബെഞ്ച് വ്യക്തമാക്കി. കേന്ദ്ര സർക്കാർ 1993-ന് ഇറക്കിയ മെമ്മോറാണ്ടത്തിനും എതിരാണ് ഹരിയാണയുടെ വിജ്ഞാപനം.